## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ମୃତ୍ତିକା ସ୍ୱାସ୍ଥ୍ୟରକ୍ଷା ପାଇଁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରୟାସ

- ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ୨୬ ଗୋଟି କୃଷି ବିଜ୍ଞାନ କେନ୍ଦ୍ରରେ ମୃତ୍ତିକା ପରୀକ୍ଷଣ କେନ୍ଦ୍ର ରହିଛି ।
- ସମସ୍ତ ୩୧ ଗୋଟି କୃଷି ବିଜ୍ଞାନ କେନ୍ଦ୍ରରେ ମୃତ୍ତିକା ପରୀକ୍ଷା ଉପକରଣ 'ମୃଦା ପରୀକ୍ଷକ' ରହିଛି । ଏହାଦ୍ୱାରା ମୃତ୍ତିକାର ୧୨ ପ୍ରକାର ଉପାଦାନର ପରୀକ୍ଷା କରାଯାଇପାରିବ ।
- ଏହି ପରୀକ୍ଷାଗାରମାନଙ୍କରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ପାଇଁ ମାଗଣାରେ ମୃତ୍ତିକା ପରୀକ୍ଷା କରାଯାଇଥାଏ । ଆଗ୍ରହୀ କୃଷକମାନେ ଚାହିଁଲେ ସ୍ୱଳ୍ପଦେୟ ପ୍ରଦାନ କରି ନିଜର ମୃତ୍ତିକା ନମୁନା ପରୀକ୍ଷା କରାଇ ପାରିବେ ।
- ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟରେ ଗୋଟିଏ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ରହିଛି ।
- ମୃତ୍ତିକା ପରୀକ୍ଷା ଦ୍ୱାରା ସମନ୍ୱିତ ପ୍ରଣାଳୀରେ ସାର ପ୍ରୟୋଗ ହେବା ଫଳରେ ସାର ବ୍ୟବହାର ଜନିତ ଖର୍ଚ୍ଚ ହ୍ରାସ ପାଇବା ସହିତ ଅମଳ ବୃଦ୍ଧି ପାଇବ ଓ ଲାଭ ପରିମାଣରେ ବୃଦ୍ଧି ଘଟିବ । ଏହାଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା ସମ୍ଭବ ହୋଇପାରିବ ।
- ଭୁବନେଶ୍ୱର ସ୍ଥିତ କୃଷି ମହାବିଦ୍ୟାଳୟ ଅଧିନସ୍ଥ ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନ ବିଭାଗ ଦ୍ୱାରା ସମନ୍ୱିତ ଖାଦ୍ୟସାର ପରିଚାଳନା ନିମନ୍ତେ ସାଧନ ୧, ସାଧନ ୨ ଓ ସାଧନ ୩ କାର୍ଯ୍ୟକ୍ରମ ମାଧମରେ କ୍ଷେତ୍ର ପ୍ରଦର୍ଶନ କରାଯାଉଛି । ଏହାଦ୍ୱାରା ଜୀବାଣୁସାର, ରାଇଜୋବିଅମ ଏବଂ ଫସଫୋକଲଚର ବ୍ୟବହାର ବିଷୟରେ କୃଷକମାନଙ୍କ ମଧରେ ସଚେତନତା ସୃଷ୍ଟି କରାଯାଉଛି ।
- ବିଗତ ୨୦୧୭-୧୮ ମସିହାରେ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ବିଜ୍ଞାନ କେନ୍ଦ୍ରମାନଙ୍କ ଦ୍ୱାରା ୮୧୪୫ ଟି ମୃତ୍ତିକା ନମୁନା ପରୀକ୍ଷା କରାଯିବା ସହିତ ୧୯,୯୩୩ଟି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି ।
- ମୃତ୍ତିକା ପରୀକ୍ଷା କରାଇବା ଏବଂ କୃଷି ଓ ଆନୁସଙ୍ଗିକ ବିଷୟରେ ଅଧିକ ତଥ୍ୟ ପାଇବା ନିମନ୍ତେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

**ନିର୍ଦ୍ଦେଶକ**

**ଯୋଜନା, ତଦାରଖ ଓ ମୂଲ୍ୟାୟନ**